# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 28 April – 2025

# ମୁଖ୍ୟମନ୍ତ୍ରୀ-ଗଞ୍ଜାମ ଗସ୍ତ

ରାଜ୍ୟରେ ଉଭୟ ପ୍ରାଥମିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ପାଇଁ ସରକାର ବଦ୍ଧପରିକର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଗତକାଲି ଗଞ୍ଜାମ ଜିଲ୍ଲା ଭୀମପୁର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ନୂତନ ଶିକ୍ଷାନୀତି ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବ । ଆଦିବାସୀ ଛାତ୍ରଛାତ୍ରୀଙ୍କ ଡ୍ରପ୍ଆଉଟ୍ ହାର ହ୍ରାସ କରିବା ପାଇଁ ମାଧୋ ସିଂହ ହାତଖର୍ଚ୍ଚ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନା କାର୍ଯ୍ୟକାରୀ କରାଯିବା ସହ ଚଳିତବର୍ଷ ବଜେଟ୍‌ରେ ପ୍ରାଥମିକ ଶିକ୍ଷା ପାଇଁ ରେକର୍ଡ ୩୧ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ବ୍ରହ୍ମପୁରକୁ ଆସିବ ଏବଂ ଲୋକମାନଙ୍କ ଦାବି ଓ ସମସ୍ୟାର ବିଚାର କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି...

**V/O**

## ଉପମୁଖ୍ୟମନ୍ତ୍ରୀ–ଜିଆଇ ଉତ୍ପାଦ

ରାଜ୍ୟର ଜିଆଇ ଉତ୍ପାଦ ସମେତ ଅନ୍ୟ ଉତ୍ପାଦ ଗୁଡ଼ିକର ଅନୁସନ୍ଧାନ କରିବାକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ରପ୍ତାନୀକାରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ରାଜ୍ୟ କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ ଉତ୍ପାଦ ରପ୍ତାନୀ ବିକାଶ ପ୍ରାଧିକରଣ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତଭାବେ ଆୟୋଜିତ କର୍ମଶାଳାରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି ରାଜ୍ୟର କୃଷି ରପ୍ତାନୀ ବୃଦ୍ଧି କରିବା ଲାଗି ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି । ଓଡ଼ିଶା କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧୦ଟିରୁ ଅଧିକ ଷ୍ଟଲରେ କୋରାପୁଟ କଳାଜିରା ଚାଉଳ, ନୟାଗଡ କଣ୍ଟେଇମୁଣ୍ଡି ବାଇଗଣ, କେନ୍ଦ୍ରାପଡା ରସାବଳୀ ଭଳି ଜିଆଇ ଉତ୍ପାଦଗୁଡ଼ିକ ପ୍ରଦର୍ଶିତ ହୋଇଥିଲା ।

## ରଥକାଠ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାର ରଥ ନିର୍ମାଣ ପାଇଁ ପ୍ରଥମ ପର୍ଯ୍ୟାୟରେ ୨୦ଖଣ୍ଡ କାଠ ପୁରୀକୁ ପଠାଯାଇଛି । ବୌଦ୍ଧ ବନଖଣ୍ଡ କାର୍ଯ୍ୟାଳୟରେ

ରଥକାଠକୁ ପୂଜାର୍ଚ୍ଚନା କରାଯାଇ ଏକ ସଂକୀର୍ତ୍ତନ ମଣ୍ଡଳୀ ସହ ପୁରୀକୁ ପଠାଯାଇଥିବା ଜଣାପଡିଛି । ସେଥିରେ ୧୨ଖଣ୍ଡ ଧଉରା ଓ ୮ଖଣ୍ଡ ଅସନ କାଠ ରହିଛି ।

## ମଧୁବାବୁ ଜୟନ୍ତୀ

ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଆଜି ୧୭୭ତମ ଜୟନ୍ତୀ ଉପଲକ୍ଷେ ରାଜ୍ୟର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି । ମଧୁସୂଦନ ଦାସ ଥିଲେ ଓଡ଼ିଆ ଜାତିର ଗର୍ବ ଓ ଗୌରବ । ଜଣେ ପ୍ରଖ୍ୟାତ ଜାତୀୟବାଦୀ ନେତା ରୂପେ ଉତ୍କଳଗୌରବ ମଧୁସୂଦନ ଦାସ ଯେତିକି ପରିଚିତ, ବିଶିଷ୍ଟ ଆଇନଜ୍ଞ ଭାବେ ତାଙ୍କର ଭୂମିକା ଥିଲା ଅତ୍ୟନ୍ତ ଗରିମାମୟ । ଭାରତୀୟ ନାରୀଙ୍କୁ ଆଇନଜୀବୀ ବୃତ୍ତି ଗ୍ରହଣ ଭଳି ଯୁଗାନ୍ତକାରୀ ଅଧିକାର ପ୍ରଦାନ କରି ମଧୁବାବୁ ଦେଶର ଆଇନଜୀବୀଙ୍କ ପାଇଁ ପ୍ରେରଣାଦାୟୀ ହୋଇ ରହିଛନ୍ତି । ୧୯୨୪ ମସିହାରୁ ମଧୁବାବୁଙ୍କ ସ୍ୱଦେଶୀ ଆନ୍ଦୋଳନ, ଗ୍ରାମ୍ୟ ଉନ୍ନୟନ ପରିକଳ୍ପନା, ସମସ୍ତଙ୍କୁ ମୌଳିକ ଶିକ୍ଷାର ଅଧିକାର, ପଛୁଆ ଶ୍ରେଣୀ ଲୋକମାନଙ୍କର ଉତ୍‌ଥାନ ଆଦି କେତେକ ଜନଜାଗରଣ ପ୍ରସଙ୍ଗ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାକୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ ଅବସରରେ ଆଜି ସନ୍ଧ୍ୟାରେ ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ

ହେବାକୁ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେବେ । ରାଜ୍ୟ ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି । ଏହି ଅବସରରେ ଆଲୋଚନାଚକ୍ର ସହ ସହରାଞ୍ଚଳ ସମବାୟ ବ୍ୟାଙ୍କ, ଭୁବନେଶ୍ୱରର ଜମାକାରୀମାନଙ୍କ ଜମାରାଶି ଫେରସ୍ତ କରାଯିବ ।

## ବିଷୁବ ମିଳନ

ନୂଆପଡା ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବିଷୁବ ମିଳନ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୩୦ରୁ ଅଧିକ ସାହିତ୍ୟିକ ଅଂଶଗ୍ରହଣ କରି ଓଡ଼ିଆ, କୋଶଳି, ସଂସ୍କୃତ ଓ ହିନ୍ଦୀ ଭାଷାରେ କବିତାପାଠ କରିଥିଲେ ।

## ମୋଟର ସାଇକଲ ଶୋଭାଯାତ୍ରା

ପହଲଗାମରେ ଆତଙ୍କବାଦୀ ଆକ୍ରମଣକୁ ତୀବ୍ର ନିନ୍ଦା କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି କଳାହାଣ୍ଡି ରାଇଡର କ୍ଲବ ପକ୍ଷରୁ ମୋଟର ସାଇକଲ ଶୋଭଯାତ୍ରା ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡିର ଅନେକ

ମୋଟରସାଇକଲ ଚାଳକ ଏଥିରେ ସାମିଲ ହୋଇ ସହର ପରିକ୍ରମା କରିଥିଲେ ।

# କଳିଙ୍ଗ ସୁପରକପ୍

ଭୁବନେଶ୍ୱରରେ ଚାଲିଥିବା କଳିଙ୍ଗ ସୁପରକପ୍ ଫୁଟବଲର ତୃତୀୟ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ୧-୦ ଗୋଲ୍‌ରେ ଇଷ୍ଟରକାଶୀକୁ ପରାସ୍ତ କରିଥିବାବେଳେ ଚତୁର୍ଥ କ୍ୱାର୍ଟରଫାଇନାଲରେ ଜାମସେଦପୁର ସୁଟ୍‌ଆଉଟ୍ ସହାୟତାରେ ୫-୪ ଗୋଲ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍‌କୁ ପରାସ୍ତ କରିଥିଲା । ବୁଧବାର ସେମିଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ଓ ଜାମସେଦପୁର ଏବଂ ମୋହନ ବାଗାନ ଓ ଏଫ୍‌ସି ଗୋଆ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

# ପାଣିପାଗ

ରାଜ୍ୟର ଅଧିକାଂଶ ଜିଲ୍ଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ କାଳବୈଶାଖୀର ପ୍ରଭାବ ପରିଲକ୍ଷିତ ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି ।

ଆସନ୍ତା ୧୨ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ପ୍ରବଳ ବର୍ଷା ନେଇ ୯ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି। ଏହି ସମୟ ମଧ୍ୟରେ ଘଣ୍ଟାକୁ ୪୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି। ଅନ୍ୟାନ୍ୟ ଜିଲ୍ଲାରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ମଧ୍ୟ ସତର୍କ ସୂଚନା ଜାରି କରାଯାଇଛି।

ଗତକାଲି ଦିନର ସର୍ବୋଚ୍ଚ ତାପମାତ୍ରା ୩୯ ଦଶମିକ ୮ ଡିଗ୍ରୀ ସେଲସିୟସ୍ ପାରଳାଖେମୁଣ୍ଡିଠାରେ ରେକର୍ଡ କରାଯାଇଥିଲା ।